# Akashvani, Sambalpur

## SAMBALPURI NEWS BULLETIN

### 21 December 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ          ଆର୍‌ଏନ୍‌ୟୁ/ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଜୟସାଲ୍‌ମେର୍ ନ ହେବାର୍‌କେ ଥିବା ଜିଏସ୍‌ଟି ପରିଷଦ୍‌ର ୫୫ ନମ୍ବର୍ ବୈଠକ୍‌ଥି ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀ ଗଲାକାଏଲ୍ ରାଜସ୍ଥାନ୍‌ର ଜୟସାଲ୍‌ମେର୍ ଠାନେ ହେଇଥିବା ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍‌ଥି ଯୋଗ୍ ଦେଇଥିଲେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ରାଜ୍ୟର୍ ବିକାଶ୍ ବାବଦ୍ କେତେଟା ପ୍ରସ୍ତାବ୍‌ର ଲିଖିତ ସ୍ମାରକପତ୍ର ପ୍ରଦାନ୍ କରିଥିଲେ । ପୁଞ୍ଜିନିବେଶ୍ ଲାଗି ସ୍ୱତନ୍ତ୍ର ସହାୟତା ଯୋଜ୍‌ନା ୨୦୨୫-୨୬ ଅଧୀନ୍‌ଥି ରାଜ୍ୟକେ ଅଏତ୍‌କା ଆବଂଟନ୍, ଗୋପାଲ୍‌ପୁର୍ ଆର୍ ଝାର୍‌ସୁଗୁଡ଼ା ଠାନେ ନୂଆଁ ଇଣ୍ଡଷ୍ଟ୍ରିଆଲ୍ ଟାଉନ୍‌ସିପ୍, ରାଏଜେ ନିବେଶ୍ ପ୍ରୋତ୍ସାହନ୍ ଲାଗି ଉପଯୁକ୍ତ ପରିବେଶ୍ ବନାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ବିଶେଷ୍ ସହଯୋଗ୍ ବାଗିର୍ ଦାବି ଇଥି ଠାନ୍ ପାଇଥିଲା ।

ଭାରତୀୟ ରେଲ୍‌ବାଇ ପି.ଆଇ.ବି.

ଭାରତୀୟ ରେଲ୍‌ବାଇ ଭଲ୍ ସେବା ଦେଇଥିବାର୍ ଲାଗି ତାର୍ ଶହେ ୧ ଝନ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ସମ୍ମାନିତ୍ କର୍‌ବାର୍‌କେ ଯାଉଛେ । ୬୯ ନମ୍ବର୍ ଅତି ବିଶିଷ୍ଟ ରେଲସେବା ପୁରସ୍କାର୍ ୨୦୨୪ ସମାରୋହଥି ଆଏଜ୍ ମୁଖିଆ କୁନୁଆଁ ଭାବେ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେଇକରି ଶ୍ରେଷ୍ଠ ସେବା ପ୍ରଦାନ୍‌କାରୀମାନ୍‌କୁ ପୁରସ୍କୃତ୍ କର୍‌ବେ । ଇ ସମ୍ମାନ୍ ସମାରୋହ ର୍ ଇ ବଛ୍‌ରର୍ ବିଷୟବସ୍ତୁ ହେଲା 'ମେ ହୁଁ ଭାରତୀୟ ରେଲ୍' ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠଠାନେ ଆଏବା ୨୩ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର ସର୍‌କାରୀ କାର୍ଯ୍ୟସୂଚୀକେ ନଜର୍‌ଥି ରଖିକରି ଇତାକେ ବନ୍ଦ୍ ରଖାଯାଇଛେ ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରବାସୀ ଭାରତୀୟ ଦିବସ୍ ସମାରୋହ   ଆର୍‌ଏନ୍‌ୟୁ /ସମ୍ବଲପୁର

ଜାନୁଆରୀ ୮ ନୁ ୧୦ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ନ ପ୍ରବାସୀ ଭାରତୀୟ ଦିବସ୍ ସମାରୋହ ହେବାର୍‌କେ ଯାଉଛେ । ଇ ସମାରୋହର୍ ପ୍ରଚାର୍ ପ୍ରସାର୍ ଲାଗି ଓଡ଼ିଶା ନ କାମ୍ କରୁଥିବା କେନ୍ଦ୍ର ସୂଚନା, ପ୍ରସାରଣ୍ ମନ୍ତ୍ରଣାଳୟ ଅଧୀନ୍ ଭିନ୍ ଭିନ୍ ଗଣମାଧ୍ୟମ୍ ସଂସ୍ଥା ଭିତ୍‌ରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ୍ ପ୍ରଚାର୍ ସମନ୍ୱୟ ସମିତି -ଆଇଏମ୍‌ପିସିସିର ଗୁଟେ ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ପତ୍ରସୂଚନା କାର୍ଯ୍ୟାଳୟ-ପିଆଇବି ଠାନେ ହେଇଯାଇଛେ । ପିଆଇବି ଆର୍ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଲ୍ କୁମାର୍ ମିଶ୍ର ଯୋଗ୍ ଦେଇକରି ସମାରୋହର୍ ପ୍ରଚାର୍ ପ୍ରସାର୍ ଲାଗି ରଣନୀତି ପ୍ରସ୍ତୁତ୍ କରିଛନ୍ ।

କୋପ୍ରା -   ଏମ୍‌ଏସ୍‌ପି   ଆର୍‌ଏନ୍‌ୟୁ /ସମ୍ବଲପୁର

ଆର୍ଥିକ୍ ବ୍ୟାପାର୍ ବାବଦ୍ କେନ୍ଦ୍ର କେବିନେଟ୍ କମିଟି - ୨୦୨୫ ଋତୁର୍ ଲାଗି କୋପ୍ରା (ଶୁଖିଲା ନଡ଼ିଆ ପାଚି) ର

ସର୍ବନିମ୍ନ ସହାୟକ ମୂଲ୍ୟ କେ ଅନୁମୋଦନ୍ ଦେଇଛେ । ୨୦୧୪ ବିପଣନ୍ ଋତୁଥି ମିଲିଂ କୋପ୍ରା ଆର୍ ବଲ୍ କୋପ୍ରାର୍ ଏମ୍ଏସ୍ପି କ୍ୱିଂଟାଲ୍ ପିଛା ୫ ହଜାର୍ ୨ ଶହ ୫୦ ଆର୍ ୫ ହଜାର୍ ୫ ଶହ ଥିବାର୍ ବେଲେ ୨୦୨୫ ବିପଣନ୍ ଋତୁଥି ଇତାକେ ୧୧ ହଜାର୍ ୫ ଶହ ୮୨ ଆର୍ ୧୨ ହଜାର୍ ଶହେ ଟଙ୍କାକେ ବଢ଼ାଯାଇଛେ । ଇ ବର୍ଦ୍ଧିତ୍ ଏମ୍ଏସ୍ପି, ଚାଷୀମାନ୍କୁ ଭଲ୍ ପାରିଶ୍ରମିକ୍ ଦେବାର୍ ସହେତେ ଘରୋଇ ଆର୍ ଅନ୍ତର୍ଜାତୀୟ ସ୍ତର୍ଥି ନଡ଼ିଆ ଉତ୍ପାଦନ୍ର ବଢ଼୍ତି ଚାହିଦାକେ ପୂରଣ୍ କର୍ବା ।

## ସର୍ଗିଫୁଲ ଉତ୍ସବ -ଉଦ୍ଯାପିତ I&PR

ଭୁବ୍ନେଶ୍ୱର୍ ଆଦିବାସୀ ପଡ଼ିଆଠାନେ ଚାଲିଥିବା ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ -୨୦୨୪ ଗଲାକାଏଲ୍ ଉଦ୍ଯାପିତ ହେଇଯାଇଛେ । ଇ ଅବ୍ସରେ ବିଦ୍ୟାଳୟ, ଗଣଶିକ୍ଷା, ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍କୁ ପ୍ରୋତ୍ସାହିତ୍ କରିଥିଲେ । ଇ ଅବ୍ସରେ ଉଚ୍ଚମାଧ୍ୟମିକ ପରୀକ୍ଷାଥି ଭଲ୍ ପ୍ରଦର୍ଶନ୍ କରିଥିବା ୧୨ ଝନ୍

ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଆଉ ସ୍ମରଣିକା ସର୍ଗିଫୁଲ ୨୦୨୪କେ ମନ୍ତ୍ରୀ ଶ୍ରୀ ଗଣ୍ଡ ଉନ୍ମୋଚନ୍ କରିଥିଲେ ।

ଡାକ୍ତର୍ ବିଜୟ ମହାପାତ୍ର-ସ୍ୱତନ୍ତ୍ର ସଚିବ  ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ୍ ଡାକ୍ତର୍ ବିଜୟ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଆର୍ ପରିବାର୍ କଲ୍ୟାଣ୍ ବିଭାଗ୍ର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛେ । ପରବର୍ତୀ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ୍ ନିଯୁକ୍ତ ହେବାର୍ତକ୍ ଡାକ୍ତର୍ ମହାପାତ୍ର ଇତାର୍ ଅତିରିକ୍ତ ଦାୟିତ୍ୱଥି ରହେବେ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ନାମା ଜାରି କରାଯାଇଛେ ।

ଦେବ୍ଗଡ୍ -ଧାନ୍ଘିନା            ଆର୍ଏନ୍ୟୁ /ସମ୍ବଲପୁର

ଦେବ୍ଗଡ୍ ଜିଲ୍ଲାଥି ଇ ବଛର୍ ଧାନ୍ଘିନା ପ୍ରକ୍ରିୟା ମୁଲ୍ ହେଇଛେ । ତିଲେଇବଣି ବ୍ଲକ୍ କନ୍ସର୍ ପ୍ରାଥମିକ ସମବାୟ ସମିତି ପରିସରଥି ଜିଲ୍ଲାପାଲ୍ ଆର୍ ଉପ ଜିଲ୍ଲାପାଲ୍ ଇତାକେ ମୁଲ୍ କରିଛନ୍ । ପହେଲା ଖେପେ ୫ ଲାଖ୍ କ୍ୱିଂଟାଲ୍ ଧାନ୍ ଘିନା ଲକ୍ଷ୍ୟ ଧାରିଜ୍

କରାଯାଇଥିବାର୍ ବେଲେ ୪୯ ଟା ମଣ୍ଡି ଖୁଲ୍‌ବାର୍ ବାବ୍‌ଦେ ନିଷ୍ପତି ହେଇଛେ । ଜିଲ୍ଲା ନ ୧୯ ହଜାର୍ ୬ ଶହ ୬୨ ଝନ୍ ଚାଷୀ ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ କରିଛନ୍ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ଫେବୃଆରୀ ୭ ତାରିଖ୍‌ନୁ ପଶ୍ଚିମ ଓଡ଼ିଶାର୍ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ ତୀର୍ଥଯାତ୍ରାଥି ଯିବେ । ଇ ଯୋଜ୍‌ନା ଅଧୀନ୍‌ଥି ଫେବୃଆରୀ ୭ ନୁ ୧୨ ତାରିଖ୍‌ତକ୍ କୋଲ୍‌କାତା-କାମାକ୍ଷା ଆର୍ ମାର୍ଚ୍ଚ ୨୯ ନୁ ଏପ୍ରିଲ୍ ୩ ତକ୍ ଅଯୋଧ୍ୟା ବାରାଣାସୀ ଯାତ୍ରା ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ । ଇ ବାବ୍‌ଦେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ତୀର୍ଥଯାତ୍ରୀମାନ୍‌କର୍ ରହେବାର୍ ଠାନ୍, ଖାଏବାର୍ ବ୍ୟବସ୍ଥା, ପରିବହନ୍, ଡାକ୍ତରୀ ଯାଂଚ୍ ବାବଦ୍ ଆଲୋଚନା ହେଇଥିଲା ।

ଗଙ୍ଗାଧର୍ ମେହେର୍- ଶ୍ରାଦ୍ଧ ଶତବାର୍ଷିକୀ ଆର୍‌ଏନ୍‌ୟୁ /ସମ୍ବଲପୁର

ସ୍ୱଭାବ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଶ୍ରାଦ୍ଧ ଶତବାର୍ଷିକୀ ପାଲନ୍ ଅବ୍‌ସରେ ଗଲାକାଏଲ୍ ବିଶ୍ୱବିଦ୍ୟାଳୟ ପରିସର ନ ଗଙ୍ଗାଧର୍ ସାହିତ୍ୟର୍ ସାଙ୍ଗିତିକତା କାର୍ଯ୍ୟକ୍ରମ୍ ଅନୁଷ୍ଠିତ୍ ହେଇଯାଇଛେ । ଇ ଅବ୍‌ସରେ ବିଶ୍ୱବିଦ୍ୟାଳୟର୍ କୁଲପତି ପ୍ରଫେସର୍ ଏନ୍. ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଗଙ୍ଗାଧର୍ ମେହେର୍‌ଙ୍କର୍ କାବ୍ୟ କବିତାର୍ ବୈଶିଷ୍ଟ୍ୟ ବାବ୍‌ଦେ ଜନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍‌ର ବଲେ ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପାଗ୍ ମେଘୁଆ ରହେବାର୍ ସହେତେ କଟକ୍, ଭୁବ୍‌ନେଶ୍ୱର୍, ପୁରୀ ଆର୍ କେତେଟା ଜାଗା ନ ସାମାଏନ୍ ବର୍ଷା ହେଇଥିଲା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍‌ନା ଅନ୍‌ସାରେ ଲଘୁଚାପ୍ ଆଏଜ୍ ଅବପାତ୍‌ଥି ବଦ୍‌ଲିବା । ଆଏବା କାଏଲ୍ ତକ୍ ବର୍ଷା ଲାଗି ରହେବା ବଲି ପାଣିପାଗ୍ ବିଭାଗ୍ କହିଛେ ।